ପଞ୍ଚରା
ପ୍ରଥମ ବର୍ଷ ।। ପ୍ରଥମ ଅର୍ଘ୍ୟ । ଏପ୍ରିଲ - ସେପ୍ଟେମ୍ବର ୨୦୨୬
Volume No -01 । Issue No - 01 । April - September 2026
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ବିବର୍ତ୍ତିତ ସଭ୍ୟତା ପରିପ୍ରେକ୍ଷୀରେ ନାରୀ ଓ ଓଡ଼ିଆ କାନ୍ଦଣା ଗୀତ

ସୋନାଲି ନାୟକ
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସ ବିହାର, ବାଲେଶ୍ୱର

DOI - https://doi.org/10.5281/zenodo.19417260

## ସାରାଂଶ

କାନ୍ଦଣା ଗୀତରେ ନାରୀର ସାମାଜିକ ମନସ୍ତତ୍ତ୍ୱ ଓ ତା'ର ଚିନ୍ତାଚେତନା ଆଦିର ସ୍ଫୁରଣ ଦେଖାଯାଏ । ମନୋବିଜ୍ଞାନ, ଅଳଙ୍କାର ଶାସ୍ତ୍ର, ବ୍ୟାକରଣ ଶାସ୍ତ୍ରର ଜ୍ଞାନ ଅର୍ଜନ ନ କରି ଏ ସବୁର ସଠିକ୍ ପ୍ରୟୋଗ କାନ୍ଦଣା ଗୀତରେ ନାରୀଟିଏ ପ୍ରୟୋଗ କରିଛି । ଏହା ସହ ନାରୀର ଅବଚେତନ ମନର ବ୍ୟଥା, ବେଦନା, ଦୁଃଖ କଷ୍ଟ ଆଦିକୁ କାନ୍ଦଣା ଗୀତରେ ବ୍ୟକ୍ତ କରିଛି । ସମାଜର ଚଳଣି, ରୀତିନୀତି, ଆଚାର ବ୍ୟବହାର, ପାରିବାରିକ ସମ୍ପର୍କର ବାସ୍ତବ ଚିତ୍ର କାନ୍ଦଣା ଗୀତରେ ଦେଖିବାକୁ ମିଳେ । ବିବର୍ତ୍ତିତ ସଭ୍ୟତା ପରିପ୍ରେକ୍ଷୀରେ ଦେଖାଦେଇଥିବା ପରିବର୍ତ୍ତନ ହେତୁ କାନ୍ଦଣା ଗୀତ ବ୍ୟକ୍ତିକୈନ୍ଦ୍ରିକ ହୋଇଛି । ଯୌଥ ପରିବାରର ଚିତ୍ର ବହନ କରୁଥିବା କାନ୍ଦଣା ଏକକ ପରିବାରର କଥା କହୁଛି । ସାଂପ୍ରତିକ ଲୋକ ସାହିତ୍ୟରେ ଝିଅର କାନ୍ଦଣା ଗୀତ କେବଳ ଭାବୁକତା ନୁହେଁ; ଏହା ସଚେତନତା, ପ୍ରତିବାଦ ଓ ଆତ୍ମସ୍ୱୀକାରର ପରିପ୍ରକାଶ । ଝିଅ ଏବେ ଦୁଃଖର ପ୍ରତୀକ ନୁହେଁ, ସେ ସମାଜ ପରିବର୍ତ୍ତନର ଶକ୍ତି । କାନ୍ଦଣାରେ ପରିବର୍ତ୍ତନ ସ୍ୱର ଦେଖାଗଲେ ମଧ୍ୟ ଏହା ନାରୀର ହୃଦୟର ନିଷ୍କପଟ ଅଭିବ୍ୟକ୍ତି, ଯାହା ତା' ଜୀବନର କାହାଣୀରେ ରସାଣିତ ।

ମୂଳଶବ୍ଦ - କାନ୍ଦଣାଗୀତ, ଯୋଗାଯୋଗ, ବିବର୍ତ୍ତିତ ସଭ୍ୟତା, ଯୌଥ ପରିବାର, ବ୍ୟକ୍ତିକୈନ୍ଦ୍ରିକ, ଅଭିବ୍ୟକ୍ତି, ମନସ୍ତତ୍ତ୍ୱ

ଓଡ଼ିଆ ଲୋକସାହିତ୍ୟରେ କାନ୍ଦଣା ଗୀତ ନାରୀଜୀବନର ଭାବନାମୟ ଅଭିବ୍ୟକ୍ତିର ଏକ ସ୍ୱତନ୍ତ୍ର ଧାରା । ବିବାହ, ବିଦାୟ, ଦୁଃଖ, ବିରହ, ଅନ୍ୟାୟ ଓ ସାମାଜିକ ଚାପର ସମୟରେ ନାରୀମାନେ ଏହି ଗୀତ ଗାଇ ନିଜ ଅନୁଭୂତିକୁ ପ୍ରକାଶ କରୁଥିଲେ। ଏହା କେବଳ ଶୋକର ସ୍ୱର ନୁହେଁ; ଏହା ଏକ ସାମାଜିକ ଦଲିଲ। ବିବର୍ତ୍ତିତ ସଭ୍ୟତା ପରିପ୍ରେକ୍ଷୀରେ ଓଡ଼ିଆ କାନ୍ଦଣା ଗୀତ ନାରୀ ଜୀବନର ଯନ୍ତ୍ରଣାରୁ ଆରମ୍ଭ କରି ସଚେତନତା ଓ ସ୍ୱାଧୀନତା ପର୍ଯ୍ୟନ୍ତ ଏକ ଯାତ୍ରାର କଥା କହେ । ପୂର୍ବେ ଏହା ଅସହାୟତାର ସ୍ୱର ଥିଲା, ମାତ୍ର ଆଜି ଏହା ସ୍ମୃତି ଓ ସଂସ୍କୃତିର ପରିଚୟ ।

ଲୋକସାହିତ୍ୟର ମୂଳ ଉପାଦାନମାନଙ୍କ ମଧ୍ୟରେ ଲୋକଗୀତ ଅନ୍ୟତମ । କାରଣ ଲୋକନାଟକ, ପର୍ବପର୍ବାଣୀ, ଢଗ ଢମାଳି, ଓଷାବ୍ରତ ଓ ଲୋକକାହାଣୀରେ ଲୋକ ଗୀତର ସହଯୋଗ ଆବଶ୍ୟକ । ଲୋକଗୀତ ବିନା ଏ ସମସ୍ତ ବିଭାଗ ନିଶ୍ଚୟ ଅସମ୍ପୂର୍ଣ୍ଣ ରହିବ । ଶ୍ରୋତାର ମନକୁ ଆନନ୍ଦ ପ୍ରଦାନ କରିବା ସହ ଏହା ଅନ୍ୟାନ୍ୟ ବିଭାଗକୁ ମଧ୍ୟ ପରିପୁଷ୍ଟ କରିବାରେ ସାହାଯ୍ୟ କରେ । ଏହି ଲୋକଗୀତରେ ନାରୀ ଏକ ବରିଷ୍ଠ ଭୂମିକା ନିର୍ବାହ କରେ । ନାରୀ କବିର କବିତା ଲୋକଗୀତର ମୂଳ ଆଧାର କହିଲେ ଅତ୍ୟୁକ୍ତି ହେବନାହିଁ ।

ନାରୀ ସୃଷ୍ଟିର ଆରମ୍ଭ । ନାରୀକୁ ବାଦ୍ ଦେଇ ସମାଜର ପରିକଳ୍ପନା କରାଯାଇପାରେନା । ନାରୀ ସବୁ ରୂପରେ ପୂଜିତା। ନାରୀ ମାଆ, ଭଗିନୀ, ପ୍ରେମିକା, ସ୍ତ୍ରୀ ରୂପରେ ସମାଜରେ ସ୍ନେହ, ପ୍ରେମ, ଭଲପାଇବା ବାଣ୍ଟିଥାଏ । ସମ୍ପର୍କକୁ ସଜାଡ଼ି ଗଢ଼ି ତୋଳିଥାଏ। ମାତ୍ର ସମାଜରେ ସେ ହୋଇଥାଏ ଅବହେଳିତା ଓ ପାଇଥାଏ ନିର୍ଯ୍ୟାତନା। ସବୁ ନିନ୍ଦା ଅପମାନ, ନିର୍ଯ୍ୟାତନାକୁ ସେ ସହିନିଏ ମାତ୍ର ତାହା ତା' ଅଚେତନ ଓ ଅବଚେତନ ମନ ଉପରେ ପ୍ରଭାବ ପକାଇଥାଏ । ବିବାହ ନାରୀ ଜୀବନରେ ଆଣୁଥିବା ପରିବର୍ତ୍ତନକୁ ସଙ୍ଗେ ସଙ୍ଗେ ଝିଅଟିଏ ଗ୍ରହଣ କରିପାରେ ନାହିଁ। ଯାହାଫଳରେ ଶାଶୂ ଘରକୁ ଯିବା ସମୟରେ ସେ ପରିବାର ବିଚ୍ଛେଦ ବିରହରେ କାନ୍ଦିଥାଏ । ଏହି କାନ୍ଦିବା ସମୟରେ ବିଳାପ କରୁଥିବା ଗୀତ କାନ୍ଦଣା ଗୀତ, ଯେଉଁଥିରେ ତା' ଜୀବନର କାହାଣୀ ସହ ସମାଜର ବାସ୍ତବ ପ୍ରତିଛବି ପ୍ରତିଫଳିତ ହୋଇଥାଏ।

ନାରୀଟିଏ ଅଧିକ ସମ୍ବେଦନଶୀଳ ଓ ଭାବପ୍ରବଣ ହୋଇଥିବାରୁ ତା' ଚିନ୍ତା ଚେତନାରୁ ନିଶ୍ରୁତ କବିତାର ଭାବାତ୍ମକ ଦିଗ ଅତ୍ୟନ୍ତ ଗଭୀର ହୋଇଥାଏ । ତେଣୁ ଲୋକଗୀତର ନାରୀ ବିନା ଅସମ୍ପୂର୍ଣ୍ଣ । ପ୍ରାଚୀନ ସମୟର ନାରୀ ଓ ସାମ୍ପ୍ରତିକ ସମୟର ନାରୀର ଚିନ୍ତା ଚେତନାରେ ପାର୍ଥକ୍ୟ ଥିଲେ ମଧ୍ୟ ନାରୀ ମନସ୍ତତ୍ତ୍ୱର ଗଭୀର ବିଶ୍ଳେଷଣରୁ ତା'ର ଗୀତକୁ ସେ ସୃଷ୍ଟି କରିଥାଏ । ନାରୀର ଏହି ତୁଳନାତ୍ମକ ବିଶ୍ଳେଷଣରେ ଥିବା ମନସ୍ତତ୍ତ୍ୱ ହିଁ କାନ୍ଦଣା ଗୀତ ସୃଷ୍ଟିର ମୂଳ କାରଣ ।

ବିବାହ ନାରୀ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିବା ସହ ତା' ମନରେ ଆଶଙ୍କାର ବୀଜ ରୋପଣ କରିଥାଏ । କାରଣ ଶାଶୂ ଘରର ଚଳଣି, ସ୍ୱାମୀ ଯୋଗ୍ୟ ନା ଅଯୋଗ୍ୟ ତାକୁ ଜଣା ନ ଥାଏ । ଏପରିକି ତା' ସହ କଥା ହେବାର ସୁଯୋଗ ମଧ୍ୟ ସମାଜ ଦେଇ ନଥାଏ । ଯାହା ଫଳରେ ଭବିଷ୍ୟତର ଅଜଣା ଭୟରେ ତା' ଛାତି ଥରି ଉଠେ । ବାପ ଘରେ ଷଠିଘରରୁ ନାରୀର ଜୀବନ ଆରମ୍ଭ ହୋଇ ଶାଶୂ ଘରେ କୋକେଇରେ ଶେଷ ହୁଏ । ଗୋଟିଏ ଅଜଣା ଭବିଷ୍ୟତର ହାତ ଧରି ନାରୀଟିଏ ଜୀବନର ପାଦକୁ ଆଗକୁ ସିନା ବଢ଼ାଇଥାଏ ମାତ୍ର ପଛରେ ରହିଯାଏ ତା' ପିଲାଦିନ, ବୋହୂ ବୋହୂକା ଖେଳ, ଜହ୍ନ ରାତିର ଲୁଚକାଳି ଆଉ ସାଙ୍ଗସାଥି। କୁଙ୍କୁମ ଶୋଭା ପାଉଥିବା ମଥାରେ ସିନ୍ଦୁର ଭବିଷ୍ୟତର ସାଥୀ ହୋଇଯାଏ । ଗୋଲାପି ଅଳତାରୁ କେତେବେଳେ ଯେ ସେ ନାଲି ଅଳତାକୁ ଆପଣେଇ ନିଏ ତାହା ସେ ନିଜେ ମଧ୍ୟ ଜାଣେନା। ଯେଉଁ ମୁହୂର୍ତ୍ତରେ କାନ୍ଦଣା ଗୀତର ଉତ୍ପତ୍ତି ହୁଏ ନାରୀର କଣ୍ଠରୁ; ତାହା ତା' ଦୁଃଖ, ବେଦନା ଓ

ହୃଦୟର ଯନ୍ତ୍ରଣା କଥା କହେ । ତେଣୁ ନାରୀ ଜୀବନର ଅଶ୍ରୁଳ ଗୀତିକା ହେଉଛି କାନ୍ଦଣା ଗୀତ । କାନ୍ଦଣା ଗାଉଥିବା ନାରୀ ସମାଜ ସହ ଜଡ଼ିତଥିବାରୁ ଏଥିରେ ସମାଜର ରୀତିନୀତି, ଚଳଣି, ଆଚାର ବ୍ୟବହାର, ପ୍ରଥା ପରମ୍ପରା ସହ ପାରିବାରିକ ଜୀବନର ଚିତ୍ର ଦେଖିବାକୁ ମିଳେ । ଗାଁର ପ୍ରାକୃତିକ ସୁଷମା, ରଜ ଦୋଳିର ଲାଳିତ୍ୟ ନୃତ୍ୟ, ପିଠା ଓ ମିଠା ଆଉ କୁମାର ପୂର୍ଣ୍ଣିମାର ଜହ୍ନ ରାତି, ବୋହୂ ଚୋରି ଖେଳ, ସାଙ୍ଗସାଥି ଆଉ ଗାଁର ସ୍ତ୍ରୀଲୋକଙ୍କ ସହ ଥଟ୍ଟାମଜା କରି ବଢ଼ିଥିବା ଝିଅଟି ଯେତେବେଳେ ଏ ସବୁ ଛାଡ଼ି ନୂଆ ଜାଗା ନୂଆ ପରିବାରକୁ ଯିବାର ସମୟ ଆସେ କୋହ ଓ ବେଦନାରେ ତା' ମନ ଭରିଯାଏ। ଅତୀତର ମଧୁର ସ୍ମୃତି ଚାରଣ କରିବା ହେତୁ କାନ୍ଦଣା ଗୀତରେ ନାରୀର ଅବଚେତନ ମନର ବ୍ୟଥା ସହ ସମାଜର ଜନଜୀବନର ଚିତ୍ର ଦେଖିବାକୁ ମିଳେ ।

"ଦୋଳରୁ ଗଳିଲା କାଳିଆ ଛୁଆ
ମୋ ବବା ଛଡ଼େଇଲା ସକାଳ ଖିଆ
ସକାଳ ଖିଆରେ ବଉଳବେଣୀ
ଶୋଷ କଲେ ମା' ବାଢ଼େ ତୋରାଣି
ମା' ଜାଣେ ସିନା ଛୁଆଙ୍କ ଚିନ୍ତା
ବାଟ ବରଗଛ ପତର ଚେକା
ମୋ ବବା .....
ଥିଲି ମୁଁ ତୁମର ଧନରତନ
ପରଦେଶୀ ହାତେ ଦେଲ ମୋ ମନ
କିସ ଅରଦଳି ଆଉ କରିବି
ତୁମ ସ୍ନେହ ଆଉ କାହୁଁ ପାଇବି
ଆଖି ପାଉ ନାହିଁ ଯେଉଁ କୋଣକୁ
ମୋ ତଣ୍ଟି ମାଇଲ ସେଇ ଆଡ଼କୁ
ମୋ ବାବା ....... ।।"
(ପଶ୍ଚିମ ଓଡ଼ିଶାରୁ ସଂଗୃହୀତ)

## କାନ୍ଦଣା ଗୀତରେ ସାଂପ୍ରତିକ ସମୟର ନାରୀର ସ୍ୱର:

ପ୍ରାକ-ଐତିହାସିକ ଯୁଗର ନିରନ୍ଧ୍ର ଅନ୍ଧକାର, ଅନ୍ଧବିଶ୍ୱାସ, କୁସଂସ୍କାରର ଅବଗୁଣ୍ଠନ କରି ବିଜ୍ଞାନର ଅଗ୍ରଗତି ଫଳରେ ଆଧୁନିକ ଯୁଗର ସୃଷ୍ଟି ହୋଇଛି । ସଭ୍ୟତାର ଅଗ୍ରଗତି ପଥରେ ମନୁଷ୍ୟ ମନରେ ସୃଷ୍ଟି ହୋଇଛି ଅନେକ ଜିଜ୍ଞାସା ଓ ନୂତନ ଚେତନା । ଯାହା ପ୍ରଭାବିତ କରିଛି ନାରୀର ମନକୁ । ଆଧୁନିକ ତା'ର ସ୍ପର୍ଶରେ ନାରୀ ହୋଇଛି ଚିନ୍ତା ଚେତନାରେ ସ୍ୱାଧୀନ । ଦେହରେ ଓ ମନରେ ହୋଇ ଉଠିଛି ମୁକ୍ତ ଓ ସ୍ୱତନ୍ତ୍ର। ଗ୍ରାମ୍ୟ ପରିବେଶ ଓ ପ୍ରକୃତିର କୋଳରୁ ବାହାରି ଶିକ୍ଷ ଚେତନାରେ ରସାଣିତ ହୋଇଥିବା ନାରୀ ବର୍ତ୍ତମାନ ହୋଇଛି ବ୍ୟକ୍ତିକୈନ୍ଦ୍ରିକ । ଆତ୍ମ ସମ୍ମାନ, ସ୍ୱାଭିମାନ, ଶିକ୍ଷା ଆଦି ପାଇଁ ସେ ସଂଘର୍ଷ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସମାଜରେ ସୃଷ୍ଟି କରିଛି । ସ୍ନେହ, ଦୟା, ପ୍ରେମ, ତ୍ୟାଗ, ସହନଶୀଳ ଆଦି ଗୁଣର ଆଢୁଆଳ ଚାରିପଟେ ସୃଷ୍ଟି କରିଛି ଏକ କଠିନ କବଚ । ପୂର୍ବେ କାନ୍ଦଣା ଗୀତ ଥିଲା ଦୁଃଖର ଅଭିବ୍ୟକ୍ତି କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ନାରୀର ସ୍ୱର ହେଉଛି ସଚେତନତା, ପ୍ରତିବାଦ ଓ ସ୍ୱାଭିମାନର ସ୍ୱର ।

ନାରୀର ଏହି ପରିବର୍ତ୍ତିତ ରୂପର ଚିତ୍ର ସାଂପ୍ରତିକ ସମୟର କାନ୍ଦଣା ଗୀତରେ ଦେଖାଯାଏ । ଗାଁରେ ରହୁଥିବା ଝିଅଟି ଘରର ଯାବତୀୟ କାର୍ଯ୍ୟକୁ କରିବା ସହ ପରିବାରକୁ ସମ୍ଭାଳିଥାଏ। ମାତ୍ର ଆଧୁନିକ ନାରୀଟିଏ ସ୍ୱତନ୍ତ୍ର ହୋଇ ଏହି କାର୍ଯ୍ୟରୁ ନିଜକୁ ବିରାମ ଦେଇଥାଏ । ଯାହାର ଚିତ୍ର ଆମେ ସାଂପ୍ରତିକ ସମୟର କାନ୍ଦଣା ଗୀତରେ ଦେଖିପାରିବା ।

"ସୁନ୍ଦରୀ ଦେଖି କି ମାରିଲେ ତେଣ୍ଟ
ଧରିକି ନ ଜାଣେ ଛାଞ୍ଚୁଣି ବେଣ୍ଟ
ଦେଇକି ନ ଜାଣେ ଛେରାପହଁରା
ମୁଁ କିପରି କାଟିବି ଜୀବନର ସାରା
ମୋ ମାଆ ........ ।।"
(ପଶ୍ଚିମ ଓଡ଼ିଶାରୁ ସଂଗୃହୀତ)

ନାରୀ ସୌନ୍ଦର୍ଯ୍ୟର ଅପରୂପା ମାତୃତ୍ୱର ଭାବରେ ସେ ପରିବାର, ସ୍ନେହ ସଂପର୍କ ସମ୍ବନ୍ଧ ଆଦିକୁ ସମ୍ଭାଳିଥାଏ । କିନ୍ତୁ ଆଧୁନିକତାର ସ୍ପର୍ଶରେ ନାରୀର ପରିବର୍ତ୍ତନ ହୋଇଛି । ଯେଉଁ କାନ୍ଦଣା ଗୀତରେ ପୂର୍ବରୁ ନାରୀ ସ୍ନେହ ସଂପର୍କ, ସାଙ୍ଗସାଥୀ, ପରିବାର, ଆତ୍ମୀୟସ୍ୱଜନଙ୍କର କଥା କହୁଥିଲା ଏବେ ସେ କେବଳ ତା' ନିଜ କଥା କହୁଛି । ସେଥିପାଇଁ କାନ୍ଦଣା ଗୀତ ଏବେ ହୋଇଛି ବ୍ୟକ୍ତିକୈନ୍ଦ୍ରିକ ।

କାନ୍ଦଣା ଗୀତରେ ଧନୀ ଶ୍ରେଣୀର ଚିତ୍ର ନ ଥାଏ । ଧନୀ ଘରର ଝିଅଟିଏ ଧନୀ ଘରକୁ ଯାଏ ଅର୍ଥାତ୍ ସୁଖର କୋଳରୁ ସୁଖର କୋଳକୁ ଯାଏ । ଧନର ଲୋଭରେ ତା' ବାପା ବୁଢାବର ହାତରେ ଝିଅକୁ ଦିଏ ନାହିଁ । ଶାଶୁ ଘରେ ଖାଇବା, ପିନ୍ଧିବାରେ ତା'ର କୌଣସି ଅସୁବିଧା ହୁଏ ନାହିଁ । ପିଠା ଗଣି କରି ଦିଆଯାଏ ନାହିଁ କି ଭାତ ମାପି କରି ଦିଆଯାଏ ନାହିଁ । ତେଣୁ ଝିଅ ଶାଶୂଘରେ ଦୁଃଖ କଷ୍ଟରେ ରହିବ ଏ କଥା ଭାବେ ନାହିଁ । କେବଳ ବାପଘର ଛାଡ଼ିବାର ଦୁଃଖ । ଏତଦ୍ ବ୍ୟତୀତ ଯୋଗାଯୋଗରେ ବାଧା ନ ଥିବାରୁ ସାଂପ୍ରତିକ ସମୟରେ କାନ୍ଦଣା ଗୀତର ସେତେ ପ୍ରଚଳନ ନାହିଁ । ପୂର୍ବରୁ କାନ୍ଦଣା ଗୀତରେ ଯେଉଁ କାରୁଣ୍ୟଭରା ସଂଗୀତ ଥାଏ, ତାହା ସାଂପ୍ରତିକ ନାରୀର କାନ୍ଦରେ ନ ଥାଏ ।

## ସାଂପ୍ରତିକ ସମୟର ପରିବର୍ତ୍ତନର ସ୍ୱର:

ପ୍ରାଚୀନ ସମୟରେ କାନ୍ଦଣା ଗୀତରେ ଗ୍ରାମ୍ୟ ସମାଜର ବାସ୍ତବ ପ୍ରତିଛବି ଦେଖାଯାଏ । ଗ୍ରାମ୍ୟ ଲୋକଙ୍କର ନିଷ୍ପାପ ଚିନ୍ତାଧାରା, ସ୍ନେହ, ପ୍ରେମ, ଭଲପାଇବା, ଏକତା ଆଦିର ଚିତ୍ରକୁ ଝିଅଟିଏ କାନ୍ଦଣା ଗୀତରେ ସଜ୍ଜିତ କରିଥାଏ । ଗାଁର ପ୍ରାକୃତିକ ସୁଷମା ରଜଦୋଳି ଗୀତର ତାନ, ପିଲାଦିନର ବୋହୂ

ଚୋରି, ଲୁଚକାଳି ଖେଳ, ରାଗରୁଷା, ଅଭିମାନ, ବିଚ୍ଛେଦର ଦୁଃଖ, ମିଳନର ଆନନ୍ଦରେ କାନ୍ଦଣା ଗୀତ ନାରୀର କଣ୍ଠରୁ ବାହାରି ଗ୍ରାମ୍ୟ ପରିବେଶକୁ ମୁଖରିତ କରୁଥିଲା । ମାତ୍ର ଶିକ୍ଷ ବିପ୍ଳବ ସହ ଆଧୁନିକତାର ସ୍ପର୍ଶରେ ନାରୀର ଚେତନା ହୋଇଛି ପରିବର୍ତ୍ତନ । ଚାରି କାନ୍ଥରେ ଆବଦ୍ଧ ଥିବା ନାରୀ ହୋଇଛି ମୁକ୍ତ ଓ ଆଧୁନିକା । ଯାହା ଫଳରେ ସାଂପ୍ରତିକ ସମୟରେ କାନ୍ଦଣା ଗୀତ ସହ ଅନ୍ୟାନ୍ୟ ସାହିତ୍ୟିକ ବିଭାଗ ମଧ୍ୟ ହୋଇଛି ପରିବର୍ତ୍ତିତ । ପରିବାରକୁ ଅତି ସହଜରେ ସମ୍ଭାଳୁ ଥିବା ଝିଅ ବର୍ତ୍ତମାନ ସମୟରେ ପରିବାରଠାରୁ ମୁହଁ ମୋଡ଼ି ନେଉଛି । ଯୌଥ ପରିବାର ଭାଙ୍ଗି ଏକକ ପରିବାରରେ ପରିଣତ ହେବାରୁ ସମ୍ପର୍କର ପରିଭାଷା ପରିବର୍ତ୍ତିତ ହୋଇଛି । ଯାହା ନାରୀର ଚିନ୍ତାଚେତନାକୁ ପ୍ରଭାବିତ କରୁଛି । ସାଂପ୍ରତିକ ସମୟରେ କାନ୍ଦଣା ଆଉ ପ୍ରାଚୀନ ସମୟ ଭଳି ପ୍ରଚଳିତ ନୁହେଁ । ତଥାପି କିଛି ସ୍ଥାନରେ ଏହାର ଚିତ୍ର ଦେଖିବାକୁ ମିଳେ । ଯେଉଁଥିରେ ଏକକ ପରିବାରର ଛବି ଦୃଶ୍ୟମାନ ହୁଏ ।

"ଢେଙ୍କିକି ମାଇଲେ ମୋ ଗୋଡ଼ କାଟେ
ହାତ ଧରି ଭାଇ କହୁଚି ତୋତେ
ଭାଇ କି ପଠାଇ ଆଣିବୁ ମୋତେ
ପ୍ରଥମ ଡାକ ରେ କାନ ବଜିରା
ଦ୍ୱିତୀୟ ଡାକ ରେ ଭାଇ ପାଦ କଡ଼େ ହେବି ହାଜରା
ମୋ ମାଆ .......
ମୋ ଭାଇ ......... ।।"
(ପଶ୍ଚିମ ଓଡ଼ିଶାରୁ ସଂଗୃହୀତ)

ସୁଖର ପୁଷ୍ପଶଯ୍ୟାରେ ଶୋଇଥିବା ଝିଅ ଯେତେବେଳେ ବିବାହ କରେ ତା' ମୁଣ୍ଡ ଉପରକୁ ଆସିଥାଏ ପରିବାରର ବୋଝ । ନିଜ ପରିବାରଠାରୁ ବିଚ୍ଛେଦ ହେବା ପରେ ତାକୁ ପର ନ କରିବା ନିମିତ୍ତ ସାମ୍ପ୍ରତିକ ସମୟରେ କାନ୍ଦଣାରେ ଝିଅଟିଏ କହିଥାଏ । ଏହା ସହ ଏକକ ପରିବାରର ଚିତ୍ର ମଧ୍ୟ ଏଥିରେ ଦେଖାଯାଏ ।

**ସାମ୍ପ୍ରତିକ ସମାଜରେ ସମ୍ପର୍କର ଚିତ୍ର:**

ସାମ୍ପ୍ରତିକ ସମାଜରେ ସଭ୍ୟତାର ଅଗ୍ରଗତିରେ ପ୍ରାଚୀନର ପରିବର୍ତ୍ତନ ହୋଇଛି । ନୂତନତା ଖେଳି ଯାଇଛି ସମାଜରେ । ସମାଜ ହୋଇଛି ଆଶା ଓ ସମ୍ଭାବନାମୟ । ପରିବର୍ତ୍ତନ ଦେଖାଦେଇଛି ବ୍ୟକ୍ତିର ଚିନ୍ତା ଚେତନାରେ, ଯାହା ଫଳରେ ସମାଜର ସ୍ଥିତି ମଧ୍ୟ ପରିବର୍ତ୍ତନ ହୋଇଛି । ବ୍ୟକ୍ତି ନିଜ ସ୍ୱାର୍ଥ ଦେଖିବା ହେତୁ ଯୌଥ ପରିବାରରେ ଦେଖା ଦେଇଛି ମନମାଳିନ୍ୟ । ସେଥିପାଇଁ ଯୌଥ ପରିବାର ଏକକ ପରିବାରରେ ପରିଣତ ହୋଇଛି । ଝିଅର ଓଡ଼ିଆ କାନ୍ଦଣା ଗୀତ ସାମାଜିକ ମନସ୍ତାତ୍ତ୍ୱିକ ଗୀତ ହୋଇଥିବାରୁ ଏଥିରେ ସମାଜର ବାସ୍ତବ ଚିତ୍ର ଦେଖାଯାଏ । ତେଣୁ ପରିବାରର ବିଭାଜନ ଚିତ୍ରଟି ଏଥିରୁ ବାଦ୍ ପଡ଼ି ନାହିଁ । ଏହାର ଉଦାହରଣ ନିମ୍ନରେ ବର୍ଣ୍ଣିତ ।

"କାଚ ଗିଲାସରେ ଖଜା ମିଠାଇ
କି ଦୋଷ କରିଛି ବବା ଜେଠାଇ
ଦୋଷ କରିଥିଲି ଅଜ୍ଞାନ ବେଳେ
ଧରୁଛି ଚରଣ ପଡୁଛି ତଳେ
ଦୋଷ କ୍ଷମା କର ଏତିକି ବେଳେ
ମୋ ବବା ......
ମୋ ଜେଠେଇ .....।।"
(ପଶ୍ଚିମ ଓଡ଼ିଶାରୁ ସଂଗୃହୀତ)

ଝିଅଟିଏ ନିଜର ସବୁ ଦୁଃଖ କଷ୍ଟକୁ ତା' ଭାଇକୁ କହିଥାଏ। ତା'ର ସବୁ ସୁଖ ଦୁଃଖ ବୁଝିବା ପାଇଁ ତାକୁ ନେହୁରା ହୋଇଥାଏ । ବ୍ୟସ୍ତ ବହୁଳ ଜୀବନରେ ମଣିଷ ତା'ର ସମସ୍ତ ସ୍ନେହ ସମ୍ପର୍କକୁ ଭୁଲିଯାଏ। ଝିଅଟିଏ ତା' ଭାଇର ବ୍ୟସ୍ତ ବହୁଳ ଜୀବନରୁ ସମୟ ଟିକେ ମାଗିବାର ଚିତ୍ର ସହ ତା' ଭଲ ମନ୍ଦ ବୁଝି ଦେଖି ଆସିବାକୁ ମଧ୍ୟ କହୁଛି ସାମ୍ପ୍ରତିକ କାନ୍ଦଣା ଗୀତରେ । ନାରୀର କଣ୍ଠରେ:-

"ନଈରେ ଭାସଇ କରଞ୍ଜ କାଠ
ମନ ଦେଇ ଧନ ପଢ଼ିବୁ ପାଠ
ପାଠ ତୁ ପଢ଼ିବୁ ବେଞ୍ଚ ବସି
ଯେଉଁ ରବିବାର ହୋଇବ ଛୁଟି
ତୋ ଦୁଃଖିଲା ନାନୀକୁ ଯିବୁରେ ଦେଖି
ମୋ ଭାଇ .......।।"
(ପଶ୍ଚିମ ଓଡ଼ିଶାରୁ ସଂଗୃହୀତ)

ସମାଜ ପରିବର୍ତ୍ତନ ହେବା ସହ ସମ୍ପର୍କ ଯେତେ ପରିବର୍ତ୍ତନ ହେଲେ ମଧ୍ୟ ସ୍ନେହ, ଭଲ ପାଇବା, ପ୍ରେମରେ ମନୁଷ୍ୟ ଏକତା ସୂତ୍ରରେ ବାନ୍ଧି ହୋଇଥାଏ । ସମାଜର ଏହି ପରିବର୍ତ୍ତିତ ରୂପ କାନ୍ଦଣାଗୀତ ବହନ କରିଥାଏ ।

**ଉପସଂହାର:**

କାନ୍ଦଣା ଗୀତର ମୁଖ୍ୟ ଚରିତ୍ର ହେଉଛି ନାରୀ । କାରଣ ନାରୀ ଏହାର ସୃଷ୍ଟିକର୍ତ୍ତା ଏବଂ ନାରୀର ଅଶ୍ରୁଳ ଜୀବନର ବେଦନାକୁ ନେଇ ଏହାର ପଦବିନ୍ୟାସ । ଏହା ସହିତ ନାରୀ ହିଁ ଏହାର କଳେବର ସମୃଦ୍ଧ କରିବା ସହ ଏହାକୁ ଗାନ କରିଥାଏ। ପ୍ରାଚୀନ ସମାଜରେ ଝିଅମାନେ ଏକାଠି ହୋଇ କାନ୍ଦଣା ଘୋଷିବାର ଚିତ୍ର ରହିଛି । ଏହା ସହ ଗାଁର ସ୍ତ୍ରୀ ଲୋକମାନେ

କାନ୍ଦଣା ଦେଖିବାକୁ ମଧ୍ୟ ଆସନ୍ତି । କାନ୍ଦଣା ଗତାନୁଗତିକ ରୀତିରେ ଗତି କରିଥାଏ। ଏହି ଶିଖିବା ଓ ଗାଇବା ପରମ୍ପରାରେ ପ୍ରତ୍ୟେକ ଝିଅର କାନ୍ଦଣାରେ ପରିବେଶ, ସ୍ଥାନ, ଶାଶୂ ଘର, ପାରିବାରିକ ସ୍ଥିତି ଆଦି ପରିବର୍ତ୍ତିତ ହୋଇଥାଏ । ପ୍ରାଚୀନ ଓ ମଧ୍ୟଯୁଗୀୟ ପିତୃକେନ୍ଦ୍ରିକ ସମାଜରେ ନାରୀର ସ୍ୱାଧୀନତା ସୀମିତ ଥିଲା । କାନ୍ଦଣା ଗୀତ ମାଧ୍ୟମରେ ନାରୀ ନିଜର ଦୁଃଖ, କଷ୍ଟ ଓ ଅସହାୟତାକୁ ସମାଜ ଆଗରେ ବ୍ୟକ୍ତ କରୁଥିଲା । ସଂକ୍ଷେପରେ, ବିବର୍ତ୍ତିତ ସଭ୍ୟତା ପରିପ୍ରେକ୍ଷୀରେ ଓଡ଼ିଆ କାନ୍ଦଣା ଗୀତ ନାରୀର 'ଅସହାୟତାର ସ୍ୱର'ରୁ ପରିବର୍ତ୍ତିତ ହୋଇ ଏକ 'ସାଂସ୍କୃତିକ ସ୍ମୃତି'ରେ ପରିଣତ ହୋଇଛି ।

ବାପ ଘରୁ ଶାଶୂ ଘରକୁ ଯିବା ଯାତ୍ରାର ଯାତ୍ରୀ ଏକୁଟିଆ ନାରୀ। ତା' ଯାତ୍ରାର ସାଥୀ ସିଏ ନିଜେ । ସମାଜରେ ଅବହେଳିତ ପରିସ୍ଥିତିରେ ଜୀବନଯାପନ କରୁଥିଲେ ମଧ୍ୟ ତା' ହୃଦୟର ସ୍ନେହମୟୀ, କରୁଣାମୟୀ। ଝିଅଟିର ରାଗ ରୁଷା, ଅଭିମାନ ଭରା ବିଳାପ ହେଉଛି କାନ୍ଦଣା ଗୀତ । ନାରୀର ଏହି ଦୁଃଖକୁ ଆଉ ଜଣେ ନାରୀ ହିଁ ବୁଝିପାରେ ମାତ୍ର ସମୟ ହାତରେ ସମସ୍ତେ ବନ୍ଧା। ତେଣୁ ସମୟର ତାଳରେ ତାଳ ରଖି ନାରୀଟିଏ ତା' ଭାଗ୍ୟକୁ ଆଦରିନିଏ । ଭାଗ୍ୟବାଦରେ ବିଶ୍ୱାସୀ ଓଡ଼ିଆ ନାରୀ ଭାଗ୍ୟକୁ ଆଦରି ପଡ଼ିରହିଥାଏ । ଅତୀତର କୋମଳ ସ୍ମୃତି ଶଯ୍ୟାରେ ସେ ଶୟନ କରେ ସିନା ମାତ୍ର ଫେରିପାଏନି ଆଉ ସେ ଅତୀତର ସୁଖ ସମୟକୁ । ଭବିଷ୍ୟତର ହାତକୁ ଅନ୍ଧ ଭାବେ ଧରି ସମସ୍ତ କଣ୍ଟା ଓ ପଥୁରିଆ ରାସ୍ତାକୁ ଅତିକ୍ରମ କରିଯାଏ ସିନା ମାତ୍ର ସେ ପାଇପାରେନି ସୁଖର ପୁଷ୍ପଶଯ୍ୟା। ସୁଖ ଓ ଦୁଃଖର ମଝିରେ ଛନ୍ଦି ହୋଇ ବିଳାପ କରୁଥିବା ସମୟରେ ନାରୀଦ୍ୱାରା ସୃଷ୍ଟ ଏହି କାନ୍ଦଣା ଗୀତ ସମସ୍ତ ନାରୀର ଅବଚେତନ ଓ ଅଚେତନ ମନର ଭାବକୁ ବହନ କରେ । ଯାହା ଫଳରେ କାନ୍ଦଣା ଗୀତ ହୋଇଛି ସମୃଦ୍ଧ ଓ ବୃଦ୍ଧି ପାଇଛି ତା'ର କଳେବର।

**ସହାୟକ ଗ୍ରନ୍ଥସୂଚୀ:**

ଓଡ଼ିଆ:

୧. ଗାଁଣ, ଅନାଦି ଚରଣ : ଲୋକସହିତ୍ୟର ରୂପରେଖ: ପଞ୍ଚସଖା ଅଫସେଟ, କଟକ, ପ୍ରଥମ ପ୍ରକାଶ - ୨୦୦୪

୨. ଦାଶ, କୁଞ୍ଜବିହାରୀ : ଓଡ଼ିଆ ଲୋକଗୀତ ଓ କାହାଣୀ: ନବଭାରତ ପ୍ରେସ, କଟକ-୨

୩. ଦାଶ, କୁଞ୍ଜବିହାରୀ :ପଲ୍ଲୀ ଗୀତି ସଞ୍ଚୟନ: ଗୁରୁ ପ୍ରସନ୍ନ ପ୍ରେସ, କଟକ-୧, ଅଗଷ୍ଟ ୧୫, ୧୯୭୪

୪. ପ୍ରଧାନ, କୃଷ୍ଣଚନ୍ଦ୍ର : ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି: ବିଦ୍ୟାପୁରୀ, ବାଲୁବଜାର, କଟକ, ଜୁଲାଇ ୨୦୨୩ (ଦଶମ ମୁଦ୍ରଣ)

୫. ପ୍ରଧାନ, ଚୌଧୁରୀ ଅଜୟ; ସ୍ୱାଇଁ, ଦିଲ୍ଲୀପ : ଲୋକଜୀବନ ଓ ଲୋକସାହିତ୍ୟ: ଚିତ୍ରୋତ୍ପଳା ପ୍ରକାଶନ, ବଟେଶ୍ୱର, ସାଲେପୁର, କଟକ

୬. ମହାପାତ୍ର, ଚକ୍ରଧର : ଉତ୍କଳ ଗ୍ରାମ୍ୟ ଗୀତ ଓ କଥା: ସପ୍ତର୍ଷି ପ୍ରେସ, ମଧୁପାଟଣା, କଟକ-୧୦

୭. ମହାପାତ୍ର, ଚକ୍ରଧର : ଉତ୍କଳ ଗାଉଁଲି ଗୀତ: କଟକ ପବ୍ଲିଶିଂ ପ୍ରେସ, ବାଲୁବଜାର, କଟକ-୨

ଇଂରାଜୀ:

1. Kumari, Dr. Ranju : Psychology of working women

■ ■ ■